# ସୁବର୍ଣ୍ଣପୁର ପୌର ପରିଷଦ, ସୁବର୍ଣ୍ଣପୁର

ପତ୍ର ସଂଖ୍ୟା.......512......../          ତା......27.1.2021....../

## ବିଜ୍ଞାପନ

ସରକାରଙ୍କ ରାଜ୍ୟ ସହରାଂଚଳ ଉନ୍ନୟନ ସଂସ୍ଥା, (SUDA) ଭୁବନେଶ୍ୱର ବିଭାଗ ପତ୍ର ସଂଖ୍ୟା. ୩୨୯୧ ତା.୧୦.୧୨.୨୦୨୦ ଅନୁଯାୟୀ, ସୁବର୍ଣ୍ଣପୁର ପୌର ପରିଷଦ ଅଧିନସ୍ଥ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ PHEO ଅଧିନରେ ପୌର ପରିଷଦ ଅଂଚଳରେ ୪ ଗୋଟି ଜଳସାଥୀ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସ୍ୱୟଂ ସହାୟକ ଗୋଷ୍ଠୀର ଯେକୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ନିଜ ୱାର୍ଡରେ ଜଳ କର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ସୁବର୍ଣ୍ଣପୁର ପୌର ପରିଷଦରେ ଆବେଦନ କରିବେ । ଦରଖାସ୍ତଟି ତା.୧୦.୦୨.୨୦୨୧ରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ସୁବର୍ଣ୍ଣପୁର ପୌର ପରିଷଦ ବାକ୍ସରେ ପକାଇପାରିବେ । କୌଣସି ଦରଖାସ୍ତ ସିଧାସଳଖ ହାତରେ ଗ୍ରହଣ କରାଯିବ ନାହିଁ ।

<u>ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା:-</u>

(୧) ଆବେଦନକାରୀଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

(୨) ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବେ ।

(୩) ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

(୪) ଆବେଦନକାରୀଙ୍କ ୨ ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ ।

(୫) ଆବେଦନକାରୀଙ୍କ ନାମରେ ବ୍ୟାଙ୍କ ଖାତା ଓ ଏ.ଟି.ଏମ୍. (ATM) ଥିବା ଆବଶ୍ୟକ ।

(୬) ଆବେଦନକାରୀଙ୍କ ନାମରେ ବ୍ୟକ୍ତିଗତ ସ୍ମାର୍ଟ ଫୋନ ଥିବା ଆବଶ୍ୟକ ।

(୭) ଆବେଦନକାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନଥିବେ ।

(୮) ଆବେଦନକାରୀଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନଥିବ ।

Sd/- 27/01/2021

ନିର୍ବାହୀ ଅଧିକାରୀ
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ର ସଂଖ୍ୟା.......513........ ତା......27.1.2021

ଏହି ବିଜ୍ଞପ୍ତିର ନକଲ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିଜ୍ଞାପନ ଫଳକ ଏବଂ PHEO ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଏହାର ଏକାକିତ ନକଲ ପୌର ପରିଷଦର ସମସ୍ତ ଗୋଷ୍ଠୀ ସଙ୍ଗଠିକାଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

Sd/- 27/01/2021

ନିର୍ବାହୀ ଅଧିକାରୀ
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ .........514......... ତାରିଖ......27.1.2021

ଏହାର ଏକକିତା ଅବିକଳ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

Sd/- 27/01/2021

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ .........515......... ତାରିଖ......27.1.2021

ଏହାର ଏକକିତା ଅବିକଳ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

Sd/- 27/01/2021

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

# ସୁବର୍ଣ୍ଣପୁର ପୌର ପରିଷଦ, ସୁବର୍ଣ୍ଣପୁର

## ଜଳସାଥୀ ପଦବୀ ନିମନ୍ତେ ଆବେଦନ ଫର୍ମ

| | | |
|---|---|---|
| ୧ | ସଭ୍ୟାଙ୍କ ନାମ | |
| ୨ | ସଭ୍ୟା ବାସ କରୁଥିବା ଅଞ୍ଚଳର ସମ୍ପୂର୍ଣ ଠିକଣା | |
| ୩ | ସଭ୍ୟାଙ୍କର ବୟସ | |
| ୪ | ନୂତନ ୱାର୍ଡ ସଂଖ୍ୟା | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀର ନାମ | |
| ୬ | ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ଠାରୁ ସଦସ୍ୟା ଅଛନ୍ତି? | |
| ୭ | ସଭ୍ୟାଙ୍କର ଶିକ୍ଷାଗତ ଯୋଗ୍ୟତା | |
| ୮ | ସଭ୍ୟାଙ୍କର ମୋବାଇଲ ନମ୍ବର | |

ସଙ୍କଳ୍ପନାମା:

ମୁଁ କୁମାରୀ/ଶ୍ରୀମତୀ ______________________ ବାପା/ସ୍ୱାମୀଙ୍କ ନାମ ______________________, ଘୋଷଣା କରୁଅଛିକି, ମୋର ନିଜର SMARTPHONE ଅଛି, ମୁଁ ବର୍ତ୍ତମାନ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନାହିଁ ଓ ମୋ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନାହିଁ । ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ପ୍ରସ୍ତୁତ ଅଛି ।

ଆବେଦନକାରୀ ସଭ୍ୟାଙ୍କ ସ୍ୱାକ୍ଷର

**ସଂଲଗ୍ନ କରାଯାଇଥିବା ଆବଶ୍ୟକୀୟ ଦସ୍ତାବିଜ :**

୧। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ସାର୍ଟିଫିକେଟ୍ ଓ ମାର୍କସିଟ୍ ଉଭୟର ନକଲ ) ◯

୨। ଜନ୍ମ ତାରିଖର ପ୍ରମାଣପତ୍ରର ନକଲ (ଆଧାର କାର୍ଡ) ◯

୩। ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ସାମିଲ ହେଲେ ତାହାର ପ୍ରମାଣ (ଅଧିବେଶନ ବିବରଣୀ) ◯

୪। ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ସଭ୍ୟାଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀର ନକଲ ◯

୫। ବ୍ୟକ୍ତିଗତ ବ୍ୟାଙ୍କ ପାସବୁକର ନକଲ । ◯

୬। ପାସପୋର୍ଟ ଫୋଟୋ- ୧ଟି ◯

**ସଭାନେତ୍ରୀଙ୍କ ଦସ୍ତଖତ ଓ ମୋହର** **ସମ୍ପାଦିକାଙ୍କ ଦସ୍ତଖତ ଓ ମୋହର**